**ପ୍ରମୁଖ ସଚିବଙ୍କ ସ୍ମାର୍ଟ ସ୍କୁଲ ପରିଦର୍ଶନ**

ହିଞ୍ଜିଳିକାଟୁ,(ଡି.ଏନ୍.ଏ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ ବୁଧବାର ହିଞ୍ଜିଳିକାଟୁ ବ୍ଲକର ରଘୁନାଥ ବିଦ୍ୟାପୀଠ ବେଲଗାଁରେ ସ୍ମାର୍ଟ ସ୍କୁଲ ପରିଦର୍ଶନ କରିଛନ୍ତି। ସ୍ମାର୍ଟ କ୍ଲାସ, ଇ ଲାଇବ୍ରେରୀ ଓ ଆଧୁନିକ ବିଜ୍ଞାନଗାର ଆଦି ଏହି ରୂପାନ୍ତରୀକରଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପ୍ରମୁଖ ସଚିବ ଉକ୍ତ ସ୍କୁଲ ବୁଲି କାର୍ଯ୍ୟ ତଦାରଖ କରିଥିଲେ। ଏହି ଗସ୍ତରେ ପ୍ରମୁଖ ସଚିବଙ୍କ ସହ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ପିଡି ଡିଆରଡିଏ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ଜିଲା ଶିକ୍ଷାଧିକାରୀ, ଡିପିସି, ଅତିରିକ୍ତ ଜିଲା ଶିକ୍ଷାଧିକାରୀ, ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଫାଷ୍ଟ ଗେଟ୍‌ରେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ପୁନଃ ସ୍ଥାପନ ଦାବି

**ନଗର କଂଗ୍ରେସର ବିଏମ୍‌ସିକୁ ଦାବିପତ୍ର**

ବ୍ରହ୍ମପୁର ଅଫିସ୍,୧୧।୮: ବ୍ରହ୍ମପୁର ସହରରେ ଥିବା ବହୁ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଅବହେଳିତ ହୋଇ ରହିଛି। ଏହାର ଠିକ୍ ରକ୍ଷଣାବେକ୍ଷଣ ଓ ମରାମତି ଦାବିରେ ବୁଧବାର ବ୍ରହ୍ମପୁର ନଗର କଂଗ୍ରେସ କମିଟି ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଏମ୍‌ସି କମିଶନରଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ବ୍ରହ୍ମପୁର ସହରର ଫାଷ୍ଟ ଗେଟ୍‌ଠାରେ ପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ରହିଥିଲା। କିନ୍ତୁ ରାସ୍ତା ମରାମତି, ସମ୍ପ୍ରସାରଣ ଆଳରେ ତାକୁ ଉଠାଇ ଦିଆଯାଇଛି। ଏଣୁ ଏହାକୁ ପୁନଃ ସ୍ଥାପନ ପାଇଁ କଂଗ୍ରେସ ଦାବି କରିଛି। ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ସ୍ୱାଧୀନତା ଦିବସର ଠିକ୍ ପୂର୍ବରୁ ରଙ୍ଗ ଦେବା ସହ ଗୁରୁତ୍ୱପୂର୍ଣ୍ଣ ଦିବସଗୁଡିକରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି। କିନ୍ତୁ ବିଏମ୍‌ସି ଏହାର ରକ୍ଷଣାବେକ୍ଷଣ କ୍ଷେତ୍ରରେ କୌଣସି ପଦକ୍ଷେପ ନେଉ ନ ଥିବା କଂଗ୍ରେସ ଅଭିଯୋଗ କରିଛି। ଦାବିପତ୍ର ପ୍ରଦାନ ସମୟରେ ନଗର କଂଗ୍ରେସ କମିଟି ସଭାପତି ସୁଜୟ କୁମାର ଆଚାର୍ଯ୍ୟଙ୍କ ସମେତ ସୁଜିତ କୁମାର ଦାଶ, ପ୍ରଦୀପ କୁମାର ପଣ୍ଡା, ଗାଙ୍ଗୁଲି ମୁଖୀ, ପଦ୍ମଚରଣ ସାହୁ, ବିଜୟ ପଣ୍ଡା ଓ ମୁରଲୀଧର ଶତପଥୀଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ଯୌତୁକ ନିର୍ଯାତନାରୁ ଆତ୍ମହତ୍ୟା ମାମଲା ସ୍ୱାମୀ ସମେତ ୩ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୧୧।୮: ଅତିରିକ୍ତ ଜିଲା ଦୌରା ଜଜ (ଏଡିଜେ)- ୨ ସଂଘମିତ୍ରା ଶର୍ମା ଏକ ଯୌତୁକ ନିର୍ଯାତନାରୁ ମହିଳାଙ୍କ ଆତ୍ମହତ୍ୟା ମାମଲାର ବୁଧବାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ୩ ଅଭିଯୁକ୍ତଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଗୋଷାଣୀନୂଆଗାଁର ସୂର୍ଯ୍ୟନାରାୟଣ ଚୌଧୁରୀ, ତାଙ୍କ ବଡ଼ ଭାଇ ଶିବଶଙ୍କର ଚୌଧୁରୀ ଓ ଭାଉଜ ସନ୍ତୋଷୀନୀ ଚୌଧୁରୀ। ପ୍ରକାଶ ଯେ, ହିଞ୍ଜିଳି ଥାନା ଅନ୍ତର୍ଗତ ପଳାସୀଗାଁର ଦିପ୍ତୀ ସାହୁଙ୍କୁ ୨୦୧୬ ଫେବୃଆରୀ ୨୬ରେ ଗୋଷାଣୀନୂଆଗାଁର ସୂର୍ଯ୍ୟନାରାୟଣ ବିବାହ କରିଥିଲେ। ୨୦୧୭ ଫେବୃଆରୀ ୨ରେ ଦିପ୍ତୀ ଟ୍ରେନ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏହାର ୨ ଦିନ ପରେ ଦିପ୍ତୀଙ୍କ ଭାଇ ନିରାକାର ସାହୁ ତାଙ୍କ ଭଉଣୀଙ୍କୁ ଅଧିକ ଯୌତୁକ ଦାବିକରି ସ୍ୱାମୀ, ଦେଢଶୁର ଓ ଯାଆ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଏଣୁ ସେ ଆତ୍ମହତ୍ୟା କରିଥିଲେ ବୋଲି ଗୋଷାଣୀନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୯/୧୭ରେ ଏକ ମାମଲା ରୁଜୁ କରିବା ସହ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଅଭିଯୁକ୍ତମାନେ ଜାମିନରେ ମୁକୁଳି ଥିଲେ। ଏହି ମାମଲାର ଶୁଣାଣି ବେଳେ ୧୬ ଜଣ ସାକ୍ଷୀଙ୍କ ବୟାନକୁ ଆଧାରକରି ଉପଯୁକ୍ତ ପ୍ରମାଣ ଅଭାବରୁ ଏଡିଜେ-୨ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ଦର୍ଶାଇଥିଲେ। ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବୀରେନ ପଟ୍ଟନାୟକ ଓ ବୀରେନ୍ଦ୍ର କୁମାର ପାଢ଼ୀ ମକଦ୍ଦମା ପରିଚାଳନା କରିଥିଲେ।

### ପ୍ରେମ ପରେ ପ୍ରତାରଣା ଘଟଣା ନ୍ୟାୟ ପାଇଲେନି ସୁରଟ ଯୁବତୀ, ହସ୍ପିଟାଲରେ ଭର୍ତ୍ତି

ଛତ୍ରପୁର,୧୧।୮(ଡି.ଏନ.ଏ): ପ୍ରେମ ପରେ ପ୍ରତାରିତ ହୋଇଥିବା ଜଣେ ଯୁବତୀ ନ୍ୟାୟ ପାଇଁ ସୁରଟରୁ ଗଞ୍ଜାମ ଜିଲାକୁ ଆସିଛନ୍ତି। ୨୦ ଦିନରୁ ଉର୍ଦ୍ଧ୍ୱ ବିତିଥିଲେ ସୁଦ୍ଧା ତାଙ୍କୁ ନ୍ୟାୟ ମିଳି ନ ଥିବାରୁ ନିରାଶ ହୋଇପଡିଛନ୍ତି। ଯୁବତୀ ଜଣକ ବୁଧବାର ଅସୁସ୍ଥ ହୋଇ ଛତ୍ରପୁର ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଗଞ୍ଜାମ ପୋଲିସ ନ୍ୟାୟ ଦେବା ପାଇଁ ପଛଘୁଞ୍ଚା ଦେଉଥିବା ସେ କହିଛନ୍ତି। କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବଡଆଗୁଳା ଗ୍ରାମର ଅରେନ୍ଦ୍ର କରଣ ସୁରଟରେ କାମ କରିବାକୁ ଯିବା ବେଳେ ସମ୍ପୃକ୍ତ ଯୁବତୀଙ୍କ ସହ ପ୍ରେମ ସଂପର୍କ ରଖିଥିଲେ। ଯୁବତୀ ଜଣକ ନିଜ ପରିବାର ଛାଡି ଅରେନ୍ଦ୍ରଙ୍କ ସହ ୭ ମାସ ରହିଥିଲେ। କିଛି ଦିନ ହେବ ଅରେନ୍ଦ୍ର ମିଛ କହି ଗଞ୍ଜାମ ଚାଲିଆସିଛନ୍ତି। ତାଙ୍କର ଅନ୍ୟ ଜଣଙ୍କ ସହ ବିବାହ ସ୍ଥିର ହୋଇଥିବା ଖବର ଜାଣିବା ପରେ ଯୁବତୀ ଜଣକ ନିଜ ହକ ପାଇଁ ଗଞ୍ଜାମ ଆସି ଗତ ୧୬ ତାରିଖରେ ଏ ନେଇ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିଥିଲେ। ନ୍ୟାୟ ନମିଳିବାରୁ ଗଞ୍ଜାମ ଏସପିଙ୍କୁ ମଧ ଭେଟିଥିଲେ। ନ୍ୟାୟ ନମିଳିବାରୁ ଛତ୍ରପୁରର କିଛି ମହିଳା ସଂଘ ତାଙ୍କୁ ସହଯୋଗ କରିଥିଲେ। ପରେ ସେମାନେ କବିସୂର୍ଯ୍ୟନଗର ଥାନାକୁ ଯାଇ ଧାରଣାରେ ବସିବା ସହ ପୁଅ ଅରେନ୍ଦ୍ରଙ୍କ ଘର ଆଗରେ ମଧ ଧାରଣା ଦେଇଥିଲେ। ହେଲେ ଏ ଯାବତ ଯୁବତୀଙ୍କୁ ନ୍ୟାୟ ମିଳିନି।

# ଯୁବ ଉଦ୍ୟୋଗୀଙ୍କୁ ମିଳିବ ସବୁ ସୁବିଧା

ଛତ୍ରପୁର,୧୧।୮(ଡି.ଏନ.ଏ.)

ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ବୁଧବାର ଗଞ୍ଜାମ, ଗଜପତି, ନୟାଗଡ ଏବଂ କନ୍ଧମାଳ ଜିଲାର ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଗୁଡିକର ଅଭିବୃଦ୍ଧି ସକାଶେ 'ଶିଳ୍ପର ଯତ୍ନ' ସମ୍ପର୍କିତ

**ଗଞ୍ଜାମର ୧୦୪୧.୨୨୮ ଏକରରେ ଶିଳ୍ପ ପ୍ରତିଷ୍ଠା କରିବ ଇଡ୍‌କୋ**

ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମାଞ୍ଚଳ ବିକାଶ ପରିଷଦର ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ ଏଥିରେ ଯୋଗଦେଇ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନଙ୍କୁ ସଫଳ ଉଦ୍ୟୋଗୀ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି କହିଥିଲେ। ଏ ଦିଗରେ ଦେଖାଯାଉଥିବା ପ୍ରତିବନ୍ଧକଗୁଡିକର ଆଶୁ ସମାଧାନ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଗଞ୍ଜାମ, ଗଜପତି, କନ୍ଧମାଳ ଜିଲାର ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଗୁଡିକର ସମସ୍ୟା ସମ୍ପର୍କରେ ବୈଠକରେ ସବିଶେଷ ଆଲେଚନା ହୋଇଥିଲା। ବିଶେଷ କରି ଉଚ୍ଚ ଗୁଣବତ୍ତା ରହିତ ନିରବଚ୍ଛିନ୍ନ ବିଦ୍ୟୁତ ଶକ୍ତି ଯୋଗାଇବା, ରାସ୍ତାଘାଟ, ବ୍ୟାଙ୍କଗୁଡିକରୁ ସୁବିଧାରେ ଋଣ ଯୋଗାଣ, ଜଳ ଯୋଗାଣ ଓ ନିଷ୍କାସନ, ଆଲୁଅ ବ୍ୟବସ୍ଥା ଆଦି ବିଷୟରେ ଆଲୋଚନା ହୋଇଥିଲା। ଗଞ୍ଜାମର ବିଭିନ୍ନ ତହସିଲରେ ୧୦୪୧.୨୨୮ ଏକର ପରିମିତ ସ୍ଥାନରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଇଡକୋ ଦ୍ୱାରା ଖୁବଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ଅଣୁକ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସକାଶେ ଆବେଦନ କରିଥିବା ବ୍ୟକ୍ତି ବିଶେଷ କିଭଳି ସୁବିଧାରେ ଏବଂ ସମୟସୀମା ମଧ୍ୟରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ସୁଯୋଗ ପାଇବେ ସେ ଦିଗରେ ଡି. ଆଇ.ସି. ତରଫରୁ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ଶିଳ୍ପ ବିଭାଗୀୟ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଉପସ୍ଥିତ ଥିବା ସମସ୍ତ ଅଣୁକ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ମାନଙ୍କ ଠାରୁ ସେମାନଙ୍କର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଜିଲାର ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନଙ୍କର ସମସ୍ୟା ସମାଧାନ ଦିଗରେ ପରାମର୍ଶ ଦେଇ ଦୁଇ ଦିନର ବୈଠକ ସୁଚାରୁ ରୂପେ ସମ୍ପାଦିତ ହୋଇ ଅନେକ ଗୁଡିଏ ସମସ୍ୟାର ସମାଧାନ ଦିଗରେ ପଥ ପରିଷ୍କାର ହୋଇଥିବା ହେତୁ ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଧନ୍ୟବାଦ ଦେଇଥିଲେ। ବୈଠକରେ ଇଡକୋ ପରିଚଳନା ନିର୍ଦ୍ଦେଶକ ବି.ଏସ. ପୁନିଆ, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଟି. ଆପାଙ୍ଗ ଆଓ, ଜିଲା ଗ୍ରାମ୍ୟ ଉନ୍ନଯନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ବ୍ରହ୍ମପୁର ମହାନଗର ନିଗମ କମିଶନର୍ ବଳିରାମ ବୋନ୍ଦାର, ବ୍ରହ୍ମପୁର ଉପଜିଲାପାଳ ଓ୍ୱ. କିର୍ତ୍ତି ଭାସନ, ୪ ଜିଲାର ଅଣୁକ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ଏବଂ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଓ ଅନ୍ୟମାନେ ।

## ଜିଲାରେ ପୁଣି ଜଣେ ଡେଙ୍ଗୁ ପଜିଟିଭ୍ ଚିହ୍ନଟ

ବ୍ରହ୍ମପୁର ଅଫିସ,୧୧।୮



ଗଞ୍ଜାମ ଜିଲାରେ ପୁଣି ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଏହା ହେଉଛି ଗଞ୍ଜାମ ଜିଲାର ପଞ୍ଚମ ରୋଗୀ ବୋଲି ଜିଲା ମ୍ୟାଲେରିଆ ଅଧିକାରୀ ଡା.ସନ୍ତୋଷ ପାଢ଼ୀ ସୂଚନା ଦେଇଛନ୍ତି। ସୋରଡ଼ା ଅଞ୍ଚଳର ଜଣେ ଯୁବ ବ୍ୟବସାୟୀ ଗତ ୬ ତାରିଖରେ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଗତ ୯ ତାରିଖରେ ତାଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ଡେଙ୍ଗୁ ପରୀକ୍ଷା ଲାଗି ପଠାଯାଇଥିଲା, ରିପୋର୍ଟ ପଜିଟିଭ ଆସିଛି। ସେ ଏବେ ମେଡ଼ିସିନ ଓ୍ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ବୁଧବାର ସୋରଡ଼ା ବ୍ଲକ ପ୍ରୋଗ୍ରାମ ମ୍ୟାନେଜରଙ୍କ ନେତୃତ୍ୱରେ ଏକ ଟିମ୍ ଡେଙ୍ଗୁ ରୋଗୀଙ୍କ ଗ୍ରାମକୁ ଯାଇ ଲୋକମାନଙ୍କୁ ସଚେତନ କରିଛନ୍ତି। ସେହିପରି ଗୁରୁବାର ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡା. ସନ୍ତୋଷ କୁମାର ପାଢୀଙ୍କ ନେତୃତ୍ୱରେ ଏକ ୪ଜଣିଆ ଟିମ୍ ଉକ୍ତ ଡେଙ୍ଗୁ ରୋଗୀ ଗ୍ରାମକୁ ଯାଇ ଲୋକମାନଙ୍କୁ ଡେଙ୍ଗୁ ରୋଗ କ'ଣ,ଏହା କିପରି ହୋଇଥାଏ ଏବଂ ଏହି ରୋଗକୁ କିପରି ରୋକାଯାଇପାରିବ ସେନେଇ ଲୋକମାନଙ୍କୁ ସଚେତନ କରିବା ପାଇଁ ଦିନ ଧାର୍ଯ୍ୟ ହୋଇଛି। ସେହିପରି ପୂର୍ବରୁ ଗତ ୮ ତାରିଖ ସନ୍ଧ୍ୟାରେ ଆସିକାରେ ଜଣେ ମହିଳାଙ୍କ ଡେଙ୍ଗୁ ପଜିଟିଭ ରିପୋର୍ଟ ଆସିଛି। ସେହିଭଳି ଗତ ୭ ତାରିଖରେ ଚିହ୍ନଟ ହୋଇଥିବା ରୋଗୀ ଜଣକ ଜଣେ ଅବସରପ୍ରାପ୍ତ ସାମରିକ କର୍ମଚାରୀ। ଗତ ୬ ତାରିଖରେ ଜଣେ ଯୁବତୀଙ୍କୁ ଡେଙ୍ଗୁ ହୋଇଥିଲା। ନିକଟରେ ସେ ନର୍ସିଂ ଅଫିସର ଭାବେ ନିଯୁକ୍ତି ପାଇଥିଲେ। ସେହିପରି ଗତ ଜୁଲାଇ ୨୨ରେ ଗଞ୍ଜାମ ଜିଲାରେ ପ୍ରଥମ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ।

## ଭାରୋତ୍ତୋଳନ ପ୍ରତିଯୋଗିତାରେ ଗଞ୍ଜାମକୁ ୪ ପଦକ



ଭାରୋତ୍ତୋଳନ କରୁଛନ୍ତି କୁଳଦୀପ ସାହୁ ।

ବ୍ରହ୍ମପୁର ଅଫିସ,୧୧।୮

ଜାତୀୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ଗଞ୍ଜାମକୁ ୪ ପଦକ ମିଳିଛି। ପଞ୍ଜାବର ପଟିଆଲାଠାରେ ଅନୁଷ୍ଠିତ ୭୩ ତମ ଜାତୀୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା ଆସନ୍ତା ୧୨ ତାରିଖରେ ଉଦ୍‌ଯାପନୀ ହେବ। ଏଥିରେ ଦ୍ୱିତୀୟ ଓ ତୃତୀୟ ଅର୍ଥାତ୍ ମଙ୍ଗଳ ଓ ବୁଧବାର ଜିଲାରୁ ଭାଗ ନେଇଥିବା ୪ ପ୍ରତିଯୋଗୀ ନିଜ ନିଜ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରି ରୌପ୍ୟ ଓ ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି। ସେମାନେ ହେଲେ ପୁନିତ କୁମାର ସାହୁ ( ୯୬ କେଜି), ମିହିରକାନ୍ତ ସେଠୀ( ୭୩ କେଜି) ରୌପ୍ୟ ଏବଂ କୁଳଦୀପ ସାହୁ (୬୭ କେଜି, ଜୁନିୟର) ଓ ମୁନା ନାୟକ (୫୫ କେଜି) ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ଏହି ଜାତୀୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଜିଲାରୁ ୮ ପ୍ରତିଯୋଗୀ ଓଡ଼ିଶା ଦଳରେ ସ୍ଥାନ ପାଇଥିଲେ। ଗୁରୁବାର ପ୍ରତିଯୋଗୀମାନେ ପଦକ ଓ ମାନପତ୍ର ସହ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜିଲା ଭାରୋତ୍ତୋଳନ ସଂଘ ସମ୍ପାଦକ ନାରାୟଣ ସାହୁ ସୂଚନା ଦେଇଛନ୍ତି।

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ଜରିମାନା

**ଶିଶୁ ଅପହରଣ ପରେ ହତ୍ୟା ମାମଲା**

ବ୍ରହ୍ମପୁର ଅଫିସ,୧୧।୮

ଗଞ୍ଜାମ ଜିଲା ଅତିରିକ୍ତ ଦୌରାଜଜ୍ (ଏଡିଜେ)- ୧ ଡ. ପ୍ରସନ୍ନ କୁମାର ପଣ୍ଡା ବୁଧବାର ଏକ ଶିଶୁ ଅପହରଣ ଓ ହତ୍ୟା ମାମଲାର ଶୁଣାଣି କରିଥିଲେ। ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଅଭିଯୁକ୍ତ ଛତ୍ରପୁର ଥାନା ଅନ୍ତର୍ଗତ ବ୍ରାହ୍ମଣିଆପଲ୍ଲୀର ଲିଙ୍ଗରାଜ ସେଠୀ(୨୭)ଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଏହାସହିତ ଅଭିଯୁକ୍ତ ୨୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ ପାଇଁ ମଧ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି ବୋଲି ଏପିପି ଜ୍ଞାନେନ୍ଦ୍ର ନାଥ ଜେନା ସୂଚନା ଦେଇଛନ୍ତି। ଏହି ମାମଲାରେ ଦୁଇ ଜଣ ତଦନ୍ତକାରୀ ଅଧିକାରୀ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ସେମାନେ ହେଲେ ତତ୍କାଳୀନ ସଦର ଥାନାଧିକାରୀ ଶିବ ଶଙ୍କର ମହାପାତ୍ର, ଯିଏକି ବର୍ତ୍ତମାନ ଗଞ୍ଜାମ ଜିଲାରେ ଡିଏସ୍‌ପି ଭାବେ କାର୍ଯ୍ୟରତ ଅଛନ୍ତି। ସେହିପରି ଅନ୍ୟତମ ତତ୍କାଳୀନ ସଦର ଥାନାଧିକାରୀ ଭାବାନନ୍ଦ ପ୍ରଧାନ, ଯିଏକି ବର୍ତ୍ତମାନ ଜରଡ଼ା ଥାନାଧିକାରୀ ଭାବେ କାର୍ଯ୍ୟରତ ରହିଛନ୍ତି ବୋଲି ଏପିପି ଜେନା କହିଛନ୍ତି।

ଘଟଣାରୁ ପ୍ରକାଶ, ଲିଙ୍ଗରାଜ ତାଙ୍କ ମାମୁଘର ଗାଁ ଗୁରୁଣ୍ଟିରେ ଜଣେ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲେ। ଏପରିକି ସମ୍ପୃକ୍ତ ଯୁବତୀଙ୍କୁ ବାହା ହେବାକୁ କହିଥିଲେ। ବାହା ନ ହେଲେ ତାଙ୍କ ଭାଇଙ୍କୁ ହତ୍ୟା କରିଦେବେ ବୋଲି ଧମକ ଦେଇଥିଲେ। ୨୦୧୮ ଡିସେମ୍ବର ୬ରେ ସଦର ଥାନା ଅନ୍ତର୍ଗତ ଗୁରୁଣ୍ଟି ଗ୍ରାମର ଭିକୁ ସେଠୀ ନାମକ ଜଣେ ୭ମ ଶ୍ରେଣୀ ଛାତ୍ର ଅପହରଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ତାଙ୍କ ମା' ରଞ୍ଜି ସେଠୀଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ନଂ.୨୮୭/୧୮ରେ ଏକ ମାମଲା ରୁଜୁ କରିଥିଲା। ୨୦୧୮ ଡିସେମ୍ବର ୧୦ ରେ ଛତ୍ରପୁର ଥାନା ଅନ୍ତର୍ଗତ ବ୍ରାହ୍ମଣିଆପଲ୍ଲୀ ଗାଁ ନିକଟ ଏକ ଆମ୍ବତୋଟାରୁ ଭିକୁଙ୍କ ଗଳିତ ମୃତଦେହ ପୋଲିସ ଉଦ୍ଧାର କରିଥିଲା। ପୋଲିସ ଏନେଇ ପୂର୍ବରୁ ରୁଜୁ କରିଥିବା ଅପହରଣ ମାମଲାକୁ ହତ୍ୟା ମାମଲାରେ ରୂପାନ୍ତରିତ କରିଥିଲା। ଘଟଣାର ତଦନ୍ତ କରି ପୋଲିସ ଅଭିଯୁକ୍ତ ଲିଙ୍ଗରାଜଙ୍କୁ ୨୦୧୮ ଡିସେମ୍ବର ୨୭ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତ ବେଳେ ଅଭିଯୁକ୍ତ ପ୍ରେମରେ ବିଫଳ ପରେ ପ୍ରତିଶୋଧ ପରାୟଣ ହୋଇ ପ୍ରେମିକାଙ୍କ ଭାଇ ଭିକୁଙ୍କୁ ଲିଙ୍ଗରାଜ ନିଜ ସାଇକେଲରେ ତାଙ୍କ ଗାଁକୁ ବୁଲାଇ ନେବି ବୋଲି କୌଶଳ କରି ନେଇଥିଲେ। ସେହିଦିନ ହିଁ ତାଙ୍କର ନିଜ ଆମ୍ବତୋଟାରେ ଭିକୁଙ୍କ ଗଳା ଓ ଗୁପ୍ତାଙ୍ଗ କାଟି ଅତି ନିର୍ମମ ଭାବେ ହତ୍ୟା କରି ଫୋପାଡ଼ି ଦେଇଥିଲେ ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ଘଟଣା ପରଠାରୁ ଲିଙ୍ଗରାଜ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଥିଲେ। ବୁଧବାର ମାମଲାର ବିଚାର ବେଳେ ତାଙ୍କୁ ଏଡିଜେ-୧ କୋର୍ଟରେ ହାଜର କରାଯାଇଥିଲା। ୩ ଜଣ ପୋଲିସ ଅଧିକାରୀଙ୍କ ସମେତ ୧୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ମିଳିଥିବାରୁ ଜଜ୍ ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ଜେନା ମକଦ୍ଦମା ପରିଚାଳନା କରିଥିଲେ।

## ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ଦାବିପତ୍ର

ଫୁଲବାଣୀ ଅଫିସ, ୧୧।୮

କନ୍ଧମାଳ ଜିଲା ଭାଜପା ଅନୁସୂଚିତ ଜାତି (ଏସ୍‌ସି) ମୋର୍ଚ୍ଚା ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି। ମୋର୍ଚ୍ଚା ସଭାପତି ଅନନ୍ତ କୁମାର ଦିଗାଲଙ୍କ ନେତୃତ୍ୱରେ ଏକ ରାଲି ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଯାଇଥିଲା। ସେଠାରେ ପ୍ରତିବାଦ ସଭାରେ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟରେ ଦଳିତ ପରିବାର ଉପରେ ଯେଉଁଭଳି ମରଣାନ୍ତକ ଆକ୍ରମଣ କରାଗଲା ତାହା ନିନ୍ଦନୀୟ। ପୋଲିସ ଏଯାଏ କାହାକୁ ଗିରଫ କରିନାହିଁ। ଏହାକୁ ନେଇ ମୋର୍ଚ୍ଚା ପ୍ରଭାରୀ ସୁକାନ୍ତ ଦାସ, ରାଜ୍ୟକାରିଣୀ ସଦସ୍ୟ ଭଗବାନ ମହାନ୍ତି, ଲିଙ୍ଗରାଜ ଦଳବେହେରା, ଦେବନାରାୟଣ ପ୍ରଧାନ, ଜିଲା ଉପ ସଭାପତି ରମେଶ ମହାନ୍ତି, ଅନୁସୂଚିତ ଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ଲୁଲୁ ବେହେରା, ସମ୍ପାଦକ ଦେବରାଜ ମୁଖି, ଯୁବ ମୋର୍ଚ୍ଚା ସଭାପତି ଗୋଲକ ବିହାରୀ କହଁର, ସଂଯୋଜକ ଜଗନ୍ନାଥ ସାହୁ ପ୍ରମୁଖ ରାଲିରେ କରିଥିଲେ।

# ମୃତକଙ୍କ ପରିବାରକୁ ୧୦ ଲକ୍ଷ କ୍ଷତିପୂରଣ ଦିଆଯାଉ

**ବଉଳଝୋଲି ଚାଷୀ ଆତ୍ମହତ୍ୟା ଘଟଣା**

**■ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ ଦାବି**

ବ୍ରହ୍ମପୁର ଅଫିସ,୧୧।୮

ବ୍ରହ୍ମପୁର ନିକଟ ବଉଳଝୋଲି ଗ୍ରାମ ଯୁବଚାଷୀ ଦାଶରଥି ବିଶୋୟୀ ନିଜ ଚାଷ ଜମିକୁ କେନାଲ ପାଣି ନ ପାଇ ଜୁଲାଇ ୩୦ରେ ଆତ୍ମହତ୍ୟା କରିଥିଲେ। ଏହାର ୧୨ ଦିନ ବିତିଛି ଏବଂ ଘଟଣାର ଉପଯୁକ୍ତ ତଦନ୍ତ ହୋଇ ନ ଥିବା ବେଳେ ଏଥିପାଇଁ ସମ୍ପୃକ୍ତ କେନାଲ କାମ କରିଥିବା ଠିକାଦାର ସନ୍ତୋଷ ପଟ୍ଟନାୟକଙ୍କୁ ଭାଜପା କୃଷକ ମୋର୍ଚ୍ଚା ଦାୟୀ କରିଛି। ଦାଶରଥିଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ଜଳ ସମ୍ପଦ ବିଭାଗ ପକ୍ଷରୁ ଠିକାଦାରଙ୍କ ବିରୋଧରେ ଏଫଆଇଆର ରୁଜୁ ପାଇଁ ଦାବି କରାଯାଇଛି।

କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତଙ୍କ ନେତୃତ୍ୱରେ ବୁଧବାର ଭାଜପାର ଏକ ପ୍ରତିନିଧି ଦଳ ବଉଳଝୋଲି ଯାଇ ଘଟଣା ଅନୁଧ୍ୟାନ କରିବା ସହ ଚାଷୀଙ୍କ ପରିବାର ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ଟିମ୍‌ରେ କୃଷ୍ଣ ଜଗଦେବ, ରଞ୍ଜନ ପଟେଲ, କାମାକ୍ଷା ପ୍ରସାଦ, ଅଶୋକ ମହାନ୍ତି, ମୋର୍ଚ୍ଚା ଗଞ୍ଜାମ ଜିଲା ସଭାପତି ମହନ୍ତ ଚିନ୍ମୟାନନ୍ଦ ମହାରାଜ, ଜିଲା ଭାଜପା ସଭାପତି ବିଭୂତି ଜେନା, ପୂର୍ବତନ ସଭାପତି କାହ୍ନୁ ଚରଣ ପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ସାବତ ପ୍ରମୁଖ ସାମିଲ ହୋଇଥିଲେ। ଫେରିବା ପରେ ବ୍ରହ୍ମପୁରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପରୋକ୍ତ ଦାବି କରାଯାଇଛି।

ଖବରଦାତା ସମ୍ମିଳନୀରେ ପୁରୋହିତ ରାଜ୍ୟ ସରକାରଙ୍କ ଚାଷୀ ବିରୋଧୀ ନୀତିର ସମାଲୋଚନା କରିଥିଲେ। ଖରିଫ ଧାନ ବିକ୍ରୟ ପାଇଁ ଚାଷୀଙ୍କ ପଞ୍ଜୀକରଣ ଅବଧି ସେପ୍ଟେମ୍ବର ୧୫କୁ ବୃଦ୍ଧି କରାଯିବା ସହ ଆବଶ୍ୟକ ମୁତାବକ ସାର ଯୋଗାଇବାକୁ ଦାବି କରିଥିଲେ। ଜିଲା ସଂଗଠନ ନେତା ପ୍ରଭାତ ଷଡ଼ଙ୍ଗୀ, ମନୋଜ ପଟ୍ଟନାୟକ, ଗଙ୍ଗାଧର ଶତପଥୀ, ମଧୁସୂଦନ ସାହୁ ଓ ସୁନୀଲ ପାତ୍ର ଉପସ୍ଥିତ ଥିଲେ।

# ଗୁଟ୍‌ଖା ଗୋଦାମରେ ପୋଲିସର ଚଢ଼ାଉ


ଗୁଟଖା ଗୋଦାମରେ ଚଢ଼ାଉ ।

**ବିପୁଳ ପରିମାଣର ଗୁଟ୍‌ଖା ଜବତ, ମାଲିକ ଅଟକ**

ବ୍ରହ୍ମପୁର ଅଫିସ,୧୧।୮

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ଅଞ୍ଚଳର ଏକ ଗୁଟ୍‌ଖା ଗୋଦାମରେ ପୋଲିସ ବୁଧବାର ସନ୍ଧ୍ୟାରେ ଚଢାଉ କରିଛି। ସେଠାରୁ ବିପୁଳ ପରିମାଣର ଗୁଟଖା ଜବତ ହୋଇଛି। ଏହି କାରବାର କରୁଥିବା ଅଭିଯୋଗରେ ପୋଲିସ ଗୋଦାମ ମାଲିକ ପଙ୍କଜ ଚୌଧୁରୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସୂଚନାପ୍ରକାରେ, ପଙ୍କଜ ପୁରୁଣା ବ୍ରହ୍ମପୁରରେ ଗୁଟ୍‌ଖା ଗୋଦାମ ସହ ବିକ୍ରି କରୁଥିବା ନେଇ ବଡ଼ବଜାର ଥାନା ଏସ୍‌ଆଇ ଅର୍ଜୁନ ଜେନାଙ୍କ ନିକଟରେ ଖବର ପହଞ୍ଚିଥିଲା। ଏହା ପରେ ବଡବଜାର ଥାନାର ଏକ ପୋଲିସ ଟିମ ପଙ୍କଜଙ୍କ ଗୋଦାମରେ ଚଢାଉ କରିଥିଲା। ସେହି ଗୋଦାମରୁ ଶତାଧିକ କାର୍ଟୁନ ଓ ବ୍ୟାଗ ତଥା ବସ୍ତାରେ ବିଭିନ୍ନ କମ୍ପାନୀର ଗୁଟଖା ଜବତ କରାଯାଇଥିଲା। ଏହି ଗୁଟଖା ମହଜୁଦ କରି ରଖିବା ତଥା ବିକ୍ରି କରିବାକୁ ପଙ୍କଜ କୌଣସି ପ୍ରକାର ପଞ୍ଜୀକରଣ କରିନଥିବା ପୋଲିସ ଜାଣିବାକୁ ପାଇଥିଲା। ଏ ନେଇ ବଡ଼ବଜାର ଥାନାରେ ନଂ.୧୬୧/୨୧ରେ ଏକ ମାମଲା ରୁଜୁ କରାଯିବା ସହ ପଙ୍କଜଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭାତ ରାଉତରାୟ ସୂଚନା ଦେଇଛନ୍ତି।

## କେନାଲରେ ବୁଡ଼ି ଜଣେ ମୃତ

ଆସିକା,୧୧।୮(ଡି.ଏନ.ଏ)

ଗାଙ୍ଗପୁର ଥାନା ଅନ୍ତର୍ଗତ ଖୁକୁଣ୍ଡିଆ ଗ୍ରାମ ସନ୍ନିକଟ କେନାଲରେ ଭାସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସୁଦର୍ଶନ ବାଉତ୍ୟା। ସୁଦର୍ଶନ ମଙ୍ଗଳବାର ବିଳମ୍ବିତ ରାତିରେ ଶୌଚ ଲାଗି କେନାଲକୁ ଯାଇଥିବା ବେଳେ ଭାସିଯାଇଥିଲେ। ବୁଧବାର ଆମ୍ବପୁଆ କେନାଲ ଗେଟ ନିକଟରୁ ତାଙ୍କ ମୃତଦେହ ଜବତ କରାଯାଇଥିଲା। ଏ ନେଇ ସୁଦର୍ଶନଙ୍କ ଭଣଜା ସନ୍ତୋଷ ବେହେରାଙ୍କ ଅଭିଯୋଗପ୍ରକାରେ ନଂ.୧୬/୨୧ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ଧିରେଶ ଦାସ କହିଛନ୍ତି।

# ଏମ୍‌କେସିଜି ଆଉଟସୋର୍ସିଂ କର୍ମଚାରୀଙ୍କ ବିକ୍ଷୋଭ

ବ୍ରହ୍ମପୁର ଅଫିସ,୧୧।୮


ଏମ୍‌କେସିଜି ଆଉଟସୋର୍ସିଂ କର୍ମଚାରୀଙ୍କ ବିକ୍ଷୋଭ।

ଠିକ୍‌ଦରମା ଓ ଇପିଏଫ୍ ଦାବିରେ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଟିକଟ କାଉଣ୍ଟରରେ କାର୍ଯ୍ୟରତ କର୍ମଚାରୀମାନେ ବୁଧବାର ବଡ ଡାକ୍ତରଖାନା ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନଙ୍କୁ ନିଯୁକ୍ତ କରିଥିବା ଘରୋଇ ସଂସ୍ଥା ପକ୍ଷରୁ ଅନିୟମିତତା କରାଯାଉଥିବା ନେଇ ଓଡ଼ିଶା ମେଡିକାଲ ଆଉଟସୋର୍ସି କର୍ମଚାରୀ ସଂଘ ଆବାହକ ପ୍ରତାପ ପ୍ରଧାନ ଅଭିଯୋଗ କରିଥିଲେ। ଏମ୍‌କେସିଜି ମେଡିକାଲ ଟିକଟ କାଉଣ୍ଟରରେ ୨୦ରୁ ଅଧିକ ଜଣ ଡାଟାଏଣ୍ଟ୍ରି ଅପରେଟର ନିଯୁକ୍ତି ପାଇଛନ୍ତି। ସେମାନେ ଆଜକୁ ୧୨ ବର୍ଷ ହେବ କାମ କରୁଛନ୍ତି। ହେଲେ କରୋନା ସମୟରେ ସେମାନେ ନିଜ ଜୀବନକୁ ବାଜି ଲଗାଇ କାମ କରିଥିଲେ ମଧ ସେମାନଙ୍କୁ ୬ ମାସର ଦରମା ଦିଆଯାଇନାହିଁ। ଏପରିକି ଦୀର୍ଘ ଦିନ ଧରି କାର୍ଯ୍ୟ କରୁଥିଲେ ମଧ ସଂପୃକ୍ତ ସଂସ୍ଥା ସେମାନଙ୍କୁ ଇପିଏଫ୍, ଇଏସ୍‌ଆଇ ପ୍ରଦାନ କରୁ ନ ଥିବା କର୍ମଚାରୀମାନେ ଅଭିଯୋଗ କରିଥିଲେ। ବୁଧବାର କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା.ସନ୍ତୋଷ କୁମାର ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। କର୍ମଚାରୀଙ୍କ ସମସ୍ୟା ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଅଧୀକ୍ଷକ ପ୍ରଫେସର ମିଶ୍ର କହିଛନ୍ତି।

